## ହୀରାକୁଦ ଜଳଭଣ୍ଡାର ଉପରେ ୧୧୭.୫୦ କୋଟି ବ୍ୟୟରେ ୨.୫ କିମି ଦୀର୍ଘ ବ୍ରିଜ୍

# ରାଜ୍ୟର ୨ୟ ଦୀର୍ଘତମ ସେତୁ ଲୋକାର୍ପିତ





**ସମ୍ବଲପୁର, ରେଙ୍ଗାଲି, ୧୪।୪/ଏନ୍‌ଏନ୍‌ଏସ୍:**

ଅତ୍ୟାଧୁନିକ ଇଞ୍ଜିନିୟରିଂ ଜ୍ଞାନକୌଶଳରେ ୧୧୭.୫୦ କୋଟି ଟଙ୍କା ବ୍ୟୟରେ ହୀରାକୁଦ ଜଳଭଣ୍ଡାର ଉପରେ ନିର୍ମିତ ୨.୫ କିମି ଦୈର୍ଘ୍ୟ ବିଶିଷ୍ଟ ରାଜ୍ୟର ଦ୍ୱିତୀୟ ଦୀର୍ଘତମ ସେତୁକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଲୋକାର୍ପଣ କରିଛନ୍ତି। ଏହି ସେତୁ ନିର୍ମାଣ ଫଳରେ ସମ୍ବଲପୁରରୁ ଝାରସୁଗୁଡ଼ାର ଲଖନପୁରକୁ ତଥା ଛତିଶଗଡ଼କୁ ପ୍ରାୟ ୫୦ କିମି ଲମ୍ବ ରାସ୍ତା ହ୍ରାସ ପାଇଛି।

ଆଜି ମଧ୍ୟାହ୍ନରେ ମୁଖ୍ୟମନ୍ତ୍ରୀ ହେଲିକପ୍ଟର୍ ଯୋଗେ ଆସି କୁର୍ଲା ଗ୍ରାମଠାରେ ଓହ୍ଲାଇବା ପରେ ସେତୁକୁ ଉଦ୍‌ଘାଟନ କରିବା ସହ କିଛି ବାଟ ଚାଲିଚାଲି ଯାଇଥିଲେ। ଏହି ଅବସରରେ ଆୟୋଜିତ ଜନସଭାରେ ଶ୍ରୀ ପଟ୍ଟନାୟକ କହିଲେ, ଗତ ୧୮ ବର୍ଷର ଜନସମର୍ଥନ ଜାରି ରହିଲେ ଓଡ଼ିଶା ଦେଶର ଏକ ନମ୍ବର ରାଜ୍ୟରେ ପରିଣତ ହେବ। ରାଜ୍ୟ ସରକାରଙ୍କ ପକ୍ଷରୁ ଏଯାବତ୍ ୨୫ ହଜାର କିଲୋମିଟର ଲମ୍ବ ଏକ୍ସପ୍ରେସ ହାଇୱେ ସାଙ୍ଗକୁ ୩୮୧୭ଟି ସେତୁର ନିର୍ମାଣ କାମ ସମ୍ପୂର୍ଣ୍ଣ କରାଯାଇଛି ବୋଲି ସେ କହିଥିଲେ। ଆଗାମୀ ଦିନରେ ସମସ୍ତ ଗାଁକୁ ଉନ୍ନତମାନର ସଡ଼କ ଓ ସମସ୍ତଙ୍କୁ ବିଜୁଳି ଏବଂ ପାଣିର ସୁବିଧା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ ନିର୍ଦ୍ଧାରିତ ସମୟରୁ ଦେଢ଼ ଘଣ୍ଟା ବିଳମ୍ବରେ ସଭାସ୍ଥଳକୁ ପହଞ୍ଚିବା ମାତ୍ରେ ତାଙ୍କୁ ଶଙ୍ଖ ଘଣ୍ଟ ହୁଳହୁଳି ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଥମେ ମୁଖ୍ୟମନ୍ତ୍ରୀ ଧନକଉଡ଼ା ଏବଂ ରେଙ୍ଗାଲି ବ୍ଲକ୍‌ର ୪୭ଟି ଗାଁକୁ ପିଇବା ପାଣିଯୋଗାଣ ସକାଶେ ନିର୍ମିତ ବୃହତ ଜଳଯୋଗାଣ ପ୍ରକଳ୍ପର ଉଦ୍‌ଘାଟନ ଏବଂ ରେଙ୍ଗାଲି-ସପନେ ରାସ୍ତା ଓ ଧନକଉଡ଼ା ବ୍ଲକ୍‌ର ୧୨ଟି ଗାଁକୁ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଖଣି ଏବଂ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ତ୍ତ ବିଭାଗ ସଚିବ ନଳିନୀକାନ୍ତ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ସଭାରେ ରେଙ୍ଗାଲି ବିଧାୟକ ରମେଶ ପଟୁଆ କୁର୍ଲାରେ ଦେଖାଦେଇଥିବା ପାନୀୟ ଜଳ ସଙ୍କଟର ସ୍ଥାୟୀ ପ୍ରତିକାର ପାଇଁ ଏକ ▶▶ ୭

### ଜ୍ୟୋତିବିହାରକୁ ୨୩ କୋଟି

**ସମ୍ବଲପୁର:** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ସମ୍ବଲପୁର ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟ ସରକାର ୨୩ କୋଟି ଟଙ୍କା ମଞ୍ଜୁର କରିଥିବା ବିଷୟରେ ସୂଚନା ଦେଇଛନ୍ତି। ଏଥିରେ ଷ୍ଟାଡିୟମ୍ ନିର୍ମାଣ ସହ ହଷ୍ଟେଲ୍ ସମୂହର ପୁନଃରୁଦ୍ଧାର ଓ ଅଡିଟୋରିୟମ୍ ପାଇଁ ପାଣ୍ଠି ବିନିଯୋଗ କରାଯିବ।